# NATIONAL NEWS BULLETIN (ODIA)

**19 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହରେ ହଟ୍ଟଗୋଳ ନେଇ ଅପରାହ୍ନ ୨ଟା ଯାଏଁ ଉଭୟ ସଦନ ମୁଲତବୀ ।

- ମୁମ୍ବାଇରେ ଘଟିଥିବା ବୋଟ୍ ଦୁର୍ଘଟଣାରେ ୧୩ ମୃତ ।

– ଅନୁକମ୍ପା ମୂଳକ ସହାୟତା ଘୋଷଣା କଲେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ।

- ପ୍ରୟାଗରାଜ ମହାକୁମ୍ଭ ମେଳା ପାଇଁ କେନ୍ଦ୍ରୀୟ ରେଳବାଇ ପକ୍ଷରୁ ୩୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ଯୋଜନା ।

- ନିରାପତ୍ତା ସମ୍ପର୍କରେ ଆଜି ସନ୍ଧ୍ୟାରେ ସମୀକ୍ଷା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।

ଏବଂ

- ମହିଳା କ୍ରିକେଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍‌ରେ ଆଜି ସନ୍ଧ୍ୟାରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମୁକାବିଲା ।

# ପାର୍ଲ୍ୟାମେଣ୍ଟ- ଆଡଜର୍ଣ୍ଣ

ସଂସଦର ଉଭୟ ଗୃହରେ ହଟ୍ଟଗୋଳ ନେଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଉଭୟ ଗୃହକୁ ମୁଲତବୀ ରଖାଯାଇଛି । ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟକୁ ବିରୋଧୀ କରି ହଟ୍ଟଗୋଳ ସୃଷ୍ଟି ହେବା ପରେ ଉଭୟ ଗୃହକୁ ମୁଲତବୀ ଘୋଷଣା କରାଯାଇଛି ।

ଲୋକସଭାରେ ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ, ଡିଏମକେ ଓ ସମାଜବାଦୀ ପାର୍ଟି ସମେତ ବିରୋଧୀ ଦଳଗୁଡ଼ିକ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ମନ୍ତବ୍ୟ ବିରୋଧରେ ସ୍ଲୋଗାନ ଦେଇଥିଲେ । ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ରାଜ୍ୟସଭାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଆଜି ଗୃହ ଆରମ୍ଭ ହେବା ପରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଶ୍ରୀ ଶାହାଙ୍କ ମନ୍ତବ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀ ସାଂସଦଙ୍କ ଦ୍ୱାରା ଆଗତ ମୁଲତବୀ ନୋଟିସକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହାକୁ ବିରୋଧ କରି କଂଗ୍ରେସ, ଡିଏମକେ, ଆମ୍ ଆଦମୀ ପାର୍ଟି, ସମାଜବାଦୀ ପାର୍ଟି, ଆର୍‌ଜେଡି, ବାମପନ୍ଥୀ ଓ ଅନ୍ୟ ଦଳର ସଦସ୍ୟମାନେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଅଧ୍ୟକ୍ଷ ଗୃହରେ ଶୃଙ୍ଖଳା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଗୃହ କାର୍ଯ୍ୟ ଚଳାଇବା ସମ୍ଭବ ହୋଇ ନ ଥିଲା । ପରେ ସେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

# ପାର୍ଲ୍ୟାମେଣ୍ଟ ପ୍ରୋଟେଷ୍ଟ

ଡକ୍ଟର ବି.ଆର୍ ଆମ୍ବେଦକରଙ୍କୁ କଂଗ୍ରେସ ଅପମାନିତ କରିଥିବା ଅଭିଯୋଗ କରି ଆଜି ବିଜେପି ସାଂସଦମାନେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପ୍ରସଙ୍ଗରେ ଦଳୀୟ ସଦସ୍ୟମାନେ ପ୍ଲା'କାର୍ଡ ଧରି ସ୍ଲୋଗାନ ଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁର ଗଣମାଧ୍ୟମକୁ କହିଛନ୍ତି, ନେହରୁ-ଗାନ୍ଧୀ ପରିବାର ସର୍ବଦା ଡକ୍ଟର ଆମ୍ବେଦକରଙ୍କୁ ଅସମ୍ମାନ କରୁଛନ୍ତି। ଜବାହରଲାଲ ନେହରୁ ନିଜେ ଡକ୍ଟର ଆମ୍ବେଦକରଙ୍କ ବିରୋଧରେ ଷଡ଼ଯନ୍ତ୍ର କରି ତାଙ୍କୁ ନିର୍ବାଚନ ହାରିବାକୁ ବାଧ୍ୟ କରିଥିଲେ ଏବଂ ତାଙ୍କୁ ରାଜନୀତି ଛାଡ଼ିବାକୁ ବାଧ୍ୟ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଶ୍ରୀ ଠାକୁର କହିଛନ୍ତି, କଂଗ୍ରେସର ତିନି ପିଢ଼ି ବାବାସାହେବଙ୍କୁ ଭାରତ ରତ୍ନ ପ୍ରଦାନ କରିନ ଥିଲେ ଏବଂ ପୁରୁଣା ସଂସଦ ଭବନର କେନ୍ଦ୍ରୀୟ କକ୍ଷରେ ତାଙ୍କ ଫଟୋ ଲଗାଇବାକୁ ମଧ୍ୟ ଅନୁମତି ଦେଇନଥିଲେ।

ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଡକ୍ଟର ବି.ଆର ଆମ୍ବେଦକରଙ୍କୁ ନେଇ ଦେଇଥିବା ବୟାନକୁ ନେଇ ବିରୋଧୀ ଦଳଗୁଡ଼ିକ ସଂସଦ ଭବନ ପରିସରରେ ବିକ୍ଷୋଭ ଜାରି ରଖିଛନ୍ତି। କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ଆରଜେଡି, ବାମପନ୍ଥୀ ଏବଂ ଅନ୍ୟ ସଦସ୍ୟମାନେ ଶ୍ରୀ ଶାହା' ଡକ୍ଟର ଆମ୍ବେଦକରଙ୍କୁ ଅପମାନିତ କରିଥିବା ଅଭିଯୋଗ କରି ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ପାର୍ଲ୍ୟାମେଣ୍ଟ- ଷଡ଼ଙ୍ଗୀ ଇଞ୍ଜୁର୍ଡ

ସଂସଦ ଭବନ ପରିସରରେ ଆଜି ଶାସକ ଏବଂ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ବାଦ ବିବାଦ ସମୟରେ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ମୁକେଶ ରାଜପୁତ ଆହତ ହୋଇଛନ୍ତି । ସେ ଗଣମାଧ୍ୟମକୁ କହିଛନ୍ତି, ଜଣେ ସାଂସଦ ତାଙ୍କ ଉପରେ ପଡ଼ିଯିବାରୁ ସେ ଆହତ ହୋଇଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ଘଟଣାକୁ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ସାଂସଦଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିବା ସୂଚନା ମିଳିଛି ।

# ମୁମ୍ବାଇ-ବୋଟ୍

ମୁମ୍ବାଇ ନିକଟରେ ଗତ ସନ୍ଧ୍ୟାରେ ଏକ ବୋଟ୍ ଦୁର୍ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ଏ ସମ୍ପର୍କରେ ନାଗପୁର ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ କହିଛନ୍ତି, ଏକ ଘରୋଇ ବୋଟ୍ ରାୟଗଡ଼ ଜିଲ୍ଲାର ଏଲିଫାଣ୍ଟା ଗୁମ୍ଫା ଆଡ଼କୁ ଅଗ୍ରସର ହେବା ସମୟରେ ଉରାନ୍ ଠାରେ ନୌସେନାର ଏକ ବୋଟ୍ ନିୟନ୍ତ୍ରଣ ହରାଇ ଏହାକୁ ଧକ୍କା ଦେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି । ମୃତକଙ୍କ ମଧ୍ୟରୁ ୩ ଜଣ ନୌସେନା କର୍ମଚାରୀ ହୋଇଥିବା ବେଳେ ବାକି ୧୦ ଜଣ ସାଧାରଣ ନାଗରିକ ବୋଲି ଶ୍ରୀ ଫଡ଼ନାବିସ୍ କହିଛନ୍ତି । ସେ କହିଛନ୍ତି, ଆହତମାନଙ୍କୁ ସ୍ଥାନୀୟ ନୌସେନା ହସ୍ପିଟାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ

ରିଲିଫ୍ ପାଣ୍ଠିରୁ ଶ୍ରୀ ଫଡ଼ନାବିସ୍ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁମ୍ବାଇ ବୋଟ୍ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଏହାଛଡ଼ା ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଆହତମାନଙ୍କର ମଧ୍ୟ ଆଶୁଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ପ୍ରଭାବିତଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ଶ୍ରୀ ମୋଦୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ।

ଏହି ଘଟଣାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଇତିମଧ୍ୟରେ ସ୍ଥାନୀୟ କୋଲାବା ଥାନାରେ ସମ୍ପୃକ୍ତ ନୌସେନା ବୋଟ୍‌ର ଡ୍ରାଇଭର ଏବଂ ଅନ୍ୟ କେତେକଙ୍କ ବିରୁଦ୍ଧରେ ଏହି ମାମଲାରେ ଏଫ୍.ଆଇ.ଆର୍. ଦାଖଲ କରାଯାଇଛି ।

## ସ୍ପେଶାଲ ଟ୍ରେନ୍- କୁମ୍ଭମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ସମୟରେ ଯାତ୍ରୀଙ୍କ  ଆଶାତୀତ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ରେଳବାଇ ୩୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା ଘୋଷଣା କରିଛି । ଜାନୁଆରି

୧୩ରୁ ଫେବ୍ରୁଆରି ୨୬ ତାରିଖ ପର୍ଯ୍ୟନ୍ତ ପ୍ରୟାଗରାଜରେ ଏହି ମେଳା ଅନୁଷ୍ଠିତ ହେବ। ମୁମ୍ବାଇ, ପୁଣେ, ନାଗପୁର ସମେତ ବିଭିନ୍ନ ସହରରୁ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ, ଯାହା ଦ୍ୱାରା ଏହି ମେଳାକୁ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ପାଇଁ ସୁରୁଖୁରୁରେ ଏବଂ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରାଯାଇପାରିବ। କୁମ୍ଭମେଳା ସ୍ୱତନ୍ତ୍ର ଟ୍ରେନ୍‌ର ବୁକିଂ ଡିସେମ୍ବର ୨୦ରୁ ସମସ୍ତ ପି.ଆର୍‌ଏସ୍ କେନ୍ଦ୍ର ଏବଂ irctc.co.in ୱେବସାଇଟ୍‌ରେ ଆରମ୍ଭ ହେବ। ଏହି ସ୍ୱତନ୍ତ୍ର ଟ୍ରେନରେ ଜେନେରାଲ ସେକେଣ୍ଡ କ୍ଲାସ କୋଚ୍’ ଅଣସଂରକ୍ଷିତ କୋଚ ଭାବରେ ଚାଲିବ ଏବଂ ୟୁ.ଟି.ଏସ ମାଧ୍ୟମରେ ଟିକେଟ ବୁକ୍ କରାଯାଇପାରିବ ।

# ଅମିତ ଶାହା-ମିଟିଂ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ନିରାପତ୍ତା ସମ୍ପର୍କରେ ସମୀକ୍ଷା କରିବେ । ଏହି ବୈଠକରେ ସ୍ୱତନ୍ତ୍ର ଭାବେ ଜାମ୍ମୁ କାଶ୍ମୀରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ନିଆଯାଉଥିବା ରଣନୈତିକ କାର୍ଯ୍ୟଖସଡ଼ାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ । ଏଥିରେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର ମହାନିର୍ଦ୍ଦେଶକ, ଜାମ୍ମୁ କାଶ୍ମୀରର ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ବହୁ ବରିଷ୍ଠ ପୁଲିସ୍ ଓ ସେନା ଅଧିକାରୀ ଯୋଗଦେବେ । ଜାମ୍ମୁ କାଶ୍ମୀରର ନିରାପତ୍ତା ସମ୍ପର୍କରେ ପୂର୍ବରୁ

ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଜୁନ୍ ୧୬ ତାରିଖ ଦିନ ଦିଲ୍ଲୀରେ ଅନୁରୂପ ଏକ ବୈଠକରେ ସମୀକ୍ଷା କରିଥିଲେ ।

## ଗଭର୍ଣ୍ଣମେଣ୍ଟ- ହେଲ୍‌ଥ

କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଲା ଶ୍ରୀବାସ୍ତବ କହିଛନ୍ତି, ଦେଶର ଜନସଂଖ୍ୟାଗତ ଲାଭକୁ ଉପଯୋଗ କରିବା, ଅଭିନବତାକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ପ୍ରଗତି ସୁନିଶ୍ଚିତ କରିବା ନିମନ୍ତେ ଦୃଢ଼ ସ୍ୱାସ୍ଥ୍ୟସେବା ଏବଂ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାରେ ପୁଞ୍ଜିନିବେଶ ଜରୁରୀ । ନୂଆଦିଲ୍ଲୀରେ ବାର୍ଷିକ ସ୍ୱାସ୍ଥ୍ୟ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀମତୀ ଶ୍ରୀବାସ୍ତବ କହିଛନ୍ତି, ଭାରତର ସ୍ୱାସ୍ଥ୍ୟସେବା ନୀତି ପ୍ରତ୍ୟେକ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଲଭ ଏବଂ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଥାଏ । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ସେ କହିଛନ୍ତି। ମୂଲ୍ୟ ଭିତ୍ତିକ ଆଦର୍ଶ ସ୍ୱାସ୍ଥ୍ୟସେବା ଏବଂ ବୈଷୟିକ ଉଦ୍ଭାବନ ମାଧ୍ୟମରେ ଟାୟାର -୨ ଏବଂ ଟାୟାର-୩ ସହରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଦିଗରେ ଘରୋଇ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଅନ୍ୟପକ୍ଷରେ ଯକ୍ଷ୍ମା ମୁକ୍ତ ଭାରତ ଗଠନରେ ଯୋଗଦାନ କରିବାକୁ ସେ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଜେକେ ଏନକାଉଣ୍ଟର

ଜମ୍ମୁ-କଶ୍ମୀରର କୁଲଗାମ ଜିଲ୍ଲାରେ ଚାଲିଥିବା ଆତଙ୍କବାଦ ବିରୋଧୀ ଅଭିଯାନ ବେଳେ ଆଜି ସକାଳେ ସୁରକ୍ଷାବାହିନୀ ସହ ଗୁଳିବିନିମୟରେ ୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି।

ଏହି ଘଟଣାରେ ଦୁଇ ଜଣ ଯବାନ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତକାଲି ରାତିରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିବା ପରେ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଯୁଗ୍ମ ବାହିନୀର କାଦେର ଗାଁର ସନ୍ଦିଗ୍ଧ ସ୍ଥାନରେ ପହଞ୍ଚିବା ପରେ ଲୁଚି ରହିଥିବା ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ସେନା ମୁଖପାତ୍ର କହିଛନ୍ତି, ତଲାସୀ ଅଭିଯାନ ଜାରି ରହିଛି। ଇତିମଧ୍ୟରେ ନିହତ ଆତଙ୍କବାଦୀଙ୍କ ପରିଚୟ ମିଳିଥିବା ସେ କହିଛନ୍ତି।

# ମହିଳା କ୍ରିକେଟ୍

ମହିଳା କ୍ରିକେଟ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ସମୟରେ ଏହି ମ୍ୟାଚ୍ ନାଭି ମୁମ୍ବାଇ ସ୍ଥିତ ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀରେ ଆରମ୍ଭ ହେବ ।

ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଜିତିବା ଫଳରେ ବର୍ତ୍ତମାନ ସୁଦ୍ଧା ଏହି ସିରିଜ୍ ୧-୧ରେ ବରାବର ରହିଛି ।

## ଭାରୋତ୍ତଳନ ଚାମ୍ପିୟନ୍‌ସିପ୍

ଏସୀୟ ଯୁବ ଏବଂ ଜୁନିୟର୍ ଭାରୋତ୍ତଳନ ଚାମ୍ପିୟନ୍‌ସିପ୍ ୨୦୨୪ ଆଜିଠାରୁ କାତାରର ଦୋହାଠାରେ ଆରମ୍ଭ ହେବ । ଉଭୟ ଜୁନିୟର୍ ଓ ଯୁବବର୍ଗରେ ୨୦ଟି ଲେଖାଏଁ ବର୍ଗରେ ଏହି ଚାମ୍ପିୟାନ୍‌ସିପ୍ ଖେଳାଯିବ । ଏଥିରେ ଭାଗ ନେବା ଲାଗି ଏକ ୨୮ ଜଣିଆ ଭାରତୀୟ ଦଳ ସେଠାରେ ପହଞ୍ଚିଛନ୍ତି । ଜୁନିୟର୍ ବର୍ଗରେ ୧୫ ଜଣ ଏବଂ ଯୁବବର୍ଗରେ ଦେଶର ୧୩ ଜଣ ଭାରୋତ୍ତଳନକାରୀ ଏହି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି ।